# Akashvani, Sambalpur

## SAMBALPURI NEWS EVENING BULLETIN

**15 April 2025- 7.02 pm- 7.12 pm.**

*********************************************

୧- ଏସ୍ଏଚ୍ଜି ମହିଳାମାନ୍କର୍ ଲାଗି ବିନା ସୁଧଥି ଋଣ ବ୍ୟବସ୍ଥା ଜାରି ରଖିବାର୍କେ ରାଜ୍ୟ ସର୍କାର୍ ନେଲେ ନିଷ୍ପତି ।

୨- ରାଏଜେ ଖାଲିପଡ଼ିଥିବା ୧ ହଜାର୍ ୩ ଶହ ୫୩ଟା ଅଧ୍ୟାପକ ପଦ୍ବୀ ପୂରଣ୍ ଲାଗି ମୁଲ୍ ହେଲା ପ୍ରକ୍ରିୟା ।

୩- ଛାତ୍ରଛାତ୍ରୀମାନ୍କର୍ ସାମାଜିକ ଆଉ ଜ୍ଞାନର୍ ବିକାଶ୍ ଭାଷା ଜରିଏ ସମୃଦ୍ଧ ହେଇପାର୍ବା- କହେଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ।

ଆଉର୍

୪- ଦେଶେ ଇ ବଛର୍ ସ୍ୱାଭାବିକ୍ ନୁ ଅଏତ୍କା ହେବା ମୌସୁମୀ ବର୍ଷା- ଅନୁମାନ୍ କଲା ଭାରତୀୟ ପାଣିପାଗ୍ ବିଭାଗ୍ ।

ଏସ୍ଏଚ୍‌ଜି -ବିନା ସୁଧ ଋଣ ପ୍ରସ୍ତାବ୍ ଅନୁମୋଦିତ

CMO

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନ୍‌କୁ ବିନା ସୁଧଥି ଋଣ ବ୍ୟବସ୍ଥା ବାବଦ୍ ଗୁଟେ ପ୍ରସ୍ତାବ୍‌କେ ଅନୁମୋଦନ୍ ଦେଇଛନ୍ । ପ୍ରସ୍ତାବ୍ ଅନ୍‌ସାରେ ୧୦ ଲାଖ୍ ଟଙ୍କା ତକ୍ ଋଣଥି ଏସ୍ଏଚ୍‌ଜି ମାନ୍‌କୁ ସୁଧ ଦେବାର୍‌କେ ନାଇଁ ପଡ଼େ । ଇ ନିୟମ୍ ୨୦୨୫ ମାର୍ଚ୍ଚ ୩୧ ତାରିଖ୍‌ତକ୍ ଲାଗୁ ରହେବା ବଲି ମୁଖ୍ୟମନ୍ତ୍ରୀ ଆଘୋନୁ ଘୋଷ୍‌ନା କରିଥିଲେ । ହେଲେ ଇ ସମିଆକେ ୨୦୨୫-୨୬ ଆର୍ଥିକ୍ ବଛର୍ ଆର୍ ତାର୍ ଆଗ୍‌କେ ଭିଲ୍ ଲାଗୁ କର୍‌ବାର୍ ବାବଦ୍ ପ୍ରସ୍ତାବ୍‌କେ ମୁଖ୍ୟମନ୍ତ୍ରୀ ଅନୁମୋଦନ୍ କରିଛନ୍ । ରାଜ୍ୟ ସର୍‌କାର୍‌ଙ୍କର୍ ଇ ପଦକ୍ଷେପ୍ ରାଜ୍ୟର୍ ମହିଳା ଉଦ୍ୟୋଗୀ ଆର୍ ଲକ୍ଷପତି ଦିଦି ବନାବାର୍‌ଥି ସାହାଜ୍ କର୍‌ବା ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ।

ଗୃହରକ୍ଷୀ ପଦ୍‌ବୀ ବୃଦ୍ଧି- ମୁଖ୍ୟମନ୍ତ୍ରୀ ସିଏମ୍‌ଓ

ରାଜ୍ୟ ସର୍‌କାର୍ ପୁଲିସ୍ ବାହିନୀଥି ୨ ହଜାର୍ ୫ ଶହ ନୂଆଁ ଗୃହରକ୍ଷୀ ପଦ୍‌ବୀ ଘୋଷ୍‌ନା କରିଛନ୍ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଇ ବାବଦ୍ ପ୍ରସ୍ତାବ୍‌କେ ଅନୁମୋଦନ୍

ଦେଇଛନ୍ । ନୂଆଁ ପଦ୍‌ବୀ ଘୋଷ୍‌ନା ଉତ୍‌ରୁ ରାଏଜେ ଇହାଦେ ଗୃହରକ୍ଷୀ ପଦ୍‌ବୀ ସଂଖ୍ୟା ୨୦ ହଜାର୍ ଶହେ ୭୫ ହେଇଛେ । ସୂଚ୍‌ନା ଅନ୍‌ସାରେ, ରାଏଜେ ଆଇନ୍ ଶୃଙ୍ଖଲା ସ୍ଥିତିକେ ବର୍‌କସ୍ କର୍‌ବାର୍ ଲାଗି ପୁଲିସ୍ ବାହିନୀଥି ୧୨ ହଜାର୍‌ଟା ପଦ୍‌ବୀ ବଢ଼ାବାର୍‌କେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଘୋନୁ ଘୋଷ୍‌ନା କରିଥିଲେ ।

ଆଇନ୍‌ମନ୍ତ୍ରୀ- ଓଡ଼ିଶା     ଭୁବ୍‌ନେଶ୍ୱର୍ ସମ୍ବାଦଦାତା

କେନ୍ଦ୍ର ସଡ଼କ୍ ଆଉ ପରିବହନ୍ ମନ୍ତ୍ରୀ ନୀତିନ୍ ଗଡ଼୍‌କରୀ ଆଏବା ୧୭ ତାରିଖ୍ ଗୁରୁବାର୍ ଦିନ ଓଡ଼ିଶା ଗସ୍ତଥି ଆସ୍‌ବେ । ରାଜ୍ୟ ପୂର୍ତ ଆଉ ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ଇ ବାବ୍‌ଦେ ସୂଚ୍‌ନା ଦେଇକରି କହିଛନ୍ ଯେ, କେନ୍ଦ୍ରମନ୍ତ୍ରୀ ଶ୍ରୀ ଗଡ଼୍‌କରୀ ଗୁରୁବାର୍ ଦିନ ସଖାଲେ କଟକ୍ ନ ଆଘର୍ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବ୍‌ଙ୍କର୍ ଜୟନ୍ତୀ ଉତ୍ସବ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବେ । ଉପର୍‌ବେଲା ଜାତୀୟ ରାଜ୍‌ପଥ୍ ପ୍ରାଧିକରଣ୍ ତର୍‌ଫୁ କରାଯାଉଥିବା ଭିନ୍ ଭିନ୍ ସଡ଼କ୍ ପ୍ରକଳ୍ପର୍ ସମୀକ୍ଷା କର୍‌ବେ । ଶ୍ରୀ ଗଡ଼୍‌କରୀ ରାଜ୍ୟ ସର୍‌କାର୍‌ଙ୍କର୍ ଦ୍ୱାରା କରାହେଇଥିବା ପାଖାପାଖି ୫ ହଜାର୍ କୋଟି ଟଙ୍କାର୍ ପ୍ରକଳ୍ପର୍ ମାନ୍‌କର୍ ଲୋକାର୍ପଣ୍ ଆଉ ଶିଳାନ୍ୟାସ୍ କର୍‌ବେ ବଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍ ।

କୁଳପତି ସମ୍ମିଳନୀ        ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଜ୍ୟ ସର୍‌କାର୍ ବିଶ୍ୱବିଦ୍ୟାଳୟ ସଂଶୋଧନ୍ ଅଧିନିୟମ୍ - ୨୦୨୪କେ ଲାଗୁ କର୍‌ବାର୍ ଉତ୍‌ରୁ ଇ ବାବ୍‌ଦେ ଆଲୋଚନା କର୍‌ବାର୍ ଲାଗି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍‌ଙ୍କର୍ ଅଧ୍ୟକ୍ଷତାଥି ଭୁବ୍‌ନେଶ୍ୱର୍ ଉତ୍କଳ ବିଶ୍ୱବିଦ୍ୟାଳୟ ନ କୁଳପତିମାନ୍‌କର୍ ଗୁଟେ ସମ୍ମିଳନୀ ହେଇଯାଇଛେ । ବିଶ୍ୱବିଦ୍ୟାଳୟମାନ୍‌କେ ଶିକ୍ଷକ୍, ଅଣଶିକ୍ଷକ୍ ନିଯୁକ୍ତି, ପାଠ୍ୟକ୍ରମ୍, ସ୍ନାତକୋତର୍ ବିଭାଗ୍ ମାନ୍‌କର୍ ମିଶ୍ରଣ୍, ଭିତିଭୂମିର୍ ବିକାଶ୍ ବାଗିର୍ ଭିନ୍ ଭିନ୍ ପ୍ରସଙ୍ଗ ଉପ୍‌ରେ ଆଲୋଚନା ହେଇଛେ । ଇତାର୍‌ସହେତେ ବିଶ୍ୱବିଦ୍ୟାଳୟମାନ୍‌କେ ଭିନ୍ ଭିନ୍ କମିଟି ଗଠନ୍, ତାର୍ ଅଡିଟ୍ କରାଯିବାର୍ ବିଷେ ଥି ଭିଲ୍ ଆଲୋଚନା ହେଇଥିଲା । ବିଶ୍ୱବିଦ୍ୟାଳୟମାନ୍‌କେ ଖାଲିପଡ଼ିଥିବା ୧ ହଜାର୍ ୩ ଶହ ୫୩ ଟା ଅଧ୍ୟାପକ୍ ପଦ୍‌ବୀ ପୂରଣ୍ କର୍‌ବାର୍ ଲାଗି ପ୍ରକ୍ରିୟା ମୁଲ୍ ହେଇଛେ ବଲି ଉଚ୍ଚଶିକ୍ଷାମନ୍ତ୍ରୀ ଶ୍ରୀ ସୂରଜ୍ କହିଛନ୍...

(ଭଏସ୍ ଓଭର୍-ଉଚ୍ଚଶିକ୍ଷା ମନ୍ତ୍ରୀ)

ସମ୍ମିଳନୀଥି ୧୭ ଟା ବିଶ୍ୱବିଦ୍ୟାଳୟର୍ କୁଳପତି, କୁଳସଚିବ, ଉପକୂଳସଚିବ, ପିଜି କାଉନ୍‌ସିଲ୍ ଅଧ୍ୟକ୍ଷ ସମ୍ମିଳନୀଥି ଉପସ୍ଥିତ୍ ଥିଲେ ।

ଓମ୍‌ଫେଡ୍ - ସାହାଜ୍          ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଜ୍ୟ ସର୍‌କାର୍ ପାଖାପାଖ୍ ୧ ଲାଖ୍ ଓମ୍‌ଫେଡ୍ ଦୁଗ୍ଧ ଚାଷୀମାନ୍‌କୁ ୩୧ କୋଟି ୧୦ ଲାଖ୍ ଟଙ୍କାର୍ ସାହାଜ୍ ଦେଇଛନ୍ ବଲି ଓମ୍‌ଫେଡ୍ ପରିଚାଲନା ନିର୍ଦ୍ଦେଶକ୍ ବିଜୟ ଅମୃତା କୁଲାଙ୍ଗେ ସୂଚ୍‌ନା ଦେଇଛନ୍ । ତାଙ୍କର୍ ସୂଚ୍‌ନା ଅନ୍‌ସାରେ, ୨୦୨୪ ନୁ ଫେବୃଆରୀ ୨୦୨୫ ଭିତ୍‌ରେ ଯେନ୍ ଚାଷୀ ଯେତ୍‌କି ଗୁରସ୍ ଓମ୍‌ଫେଡ୍‌କେ ଦେଇଛନ୍ ସେମାନ୍‌କର୍ ବେଙ୍କ୍ ଖାତାକେ ସେ ହିସାବେ ସାହାଜ୍ ଟଙ୍କା ଦିଆଯାଇଛେ । ଲିଟର୍ ପିଛା ୧ ନୁ ୫ ଟଙ୍କାତକ୍ ସାହାଜ୍ ଟଙ୍କା ଦେବାର୍‌କେ ଆଘୋନୁ ଘୋଷ୍‌ନା କରାଯାଇଥିଲା । ଇଥିର୍‌ଲାଗି ରାଜ୍ୟ ସର୍‌କାର୍ ଭିଲ୍ ଓମ୍‌ଫେଡ୍‌କେ ଆର୍ଥିକ୍ ସାହାଜ୍ ଯୁଗେଇ ଦେଇଥିଲେ ବଲି ଓମ୍‌ଫେଡ୍ ପରିଚାଲନା ନିର୍ଦ୍ଦେଶକ କହିଛନ୍ ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ -ସମ୍ବଲ୍‌ପୁର୍        ସମ୍ବଲପୁର ସମ୍ବାଦଦାତା/ଏକ୍ସ

ଭାଷା ଜରିଏ ଛାତ୍ରଛାତ୍ରୀମାନ୍‌କର୍ ସାମାଜିକ ଆଉ ଜ୍ଞାନର୍ ବିକାଶ୍  ସମୃଦ୍ଧ ହେଇପାର୍‌ବା ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଆଉ ସମ୍ବଲ୍‌ପୁର୍ ସାଂସଦ୍ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ । ଆଏଜ୍

ଉପର୍‌ବେଲା ଝାର୍‌ସୁଗୁଡ଼ା  ଠାନେ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ତିଆର୍ ହେଇଥିବା ଦ୍ୱିଭାଷୀ ବର୍ଣ୍ଣମାଳା ବହି 'ସମ୍ବଲପୁର ଭାଷା ଶିକ୍ଷା'କେ ଉନ୍ମୋଚନ୍ କରିକରି କେନ୍ଦ୍ରଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍, ଓଡ଼ିଶାର୍ ପଶ୍ଚିମ୍ ଇଲାକା ନ କଥିତ୍ ମାତୃଭାଷାକେ ରାଜ୍ୟଭାଷା ଓଡ଼ିଆ ସଙ୍ଗେ ଜୁଡ଼ାଯିବାର୍ ସଙ୍ଗେ ଆଏଜ୍ ଗୁଟେ ନୂଆଁ ସେତୁବନ୍ଧ ତିଆର୍ ହେଇଛେ ।

ଇତାର୍‌ସହେତେ ଛାତ୍ରଛାତ୍ରୀମାନ୍‌କର୍ ଲେଖାକେ ନେଇକରି ତିଆର୍ ହେଇଥିବା ବହି 'ପଠନ- ପାର୍ବଣ' କେ ଭିଲ୍ ଶ୍ରୀ ପ୍ରଧାନ୍ ଉନ୍ମୋଚନ୍ କରିଛନ୍ । ଇ ଅବ୍‌ସରେ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ, ବର୍‌ଗଡ଼୍ ସାଂସଦ୍ ପ୍ରଦୀପ୍ ପୁରୋହିତ୍, ଝାର୍‌ସୁଗୁଡ଼ା ବିଧାୟକ୍ ଟଙ୍କଧର୍ ତ୍ରିପାଠୀ ପ୍ରମୁଖ ଉପସ୍ଥିତ୍ ଥିଲେ ।

ଇତାର୍ ଆଘୋନୁ ଆଏଜ୍ ସଖାଲ୍‌ବେଲା ଶ୍ରୀ ପ୍ରଧାନ୍ ସମ୍ବଲ୍‌ପୁର୍ ନ ଅଧିଷ୍ଠାତ୍ରୀ ଦେବୀ ମା ସମଲେଇଙ୍କର୍ ଦର୍ଶନ୍ କର୍‌ବାର୍ ସହେତେ ୨ ନମ୍ବର୍ ପ୍ରକଳ୍ପ ଅଂଚଲ୍‌ର ସମୀକ୍ଷା କରିଛନ୍ ।

ସମ୍ବଲ୍‌ପୁର୍-ରାୟଗଡ଼ା-ସମ୍ବଲପୁର ଏକ୍ସପ୍ରେସ୍  ପ୍ରେସ୍ ରିଲିଜ୍

ପୂର୍ବତଟ ରେଲ୍‌ପଥ୍ ତର୍‌ଫୁ ଆଏବା କାଏଲ୍‌ଠାନୁ ସମ୍ବଲ୍‌ପୁର୍-ରାୟଗଡ଼ା-ସମ୍ବଲପୁର ଏକ୍ସପ୍ରେସ୍ ଟ୍ରେନ୍‌କେ ବଲାଙ୍ଗିର୍ ଜିଲ୍ଲା ଦେଓଗାଁ ରୋଡ଼୍ ଷ୍ଟେସନ୍ ନ ପରୀକ୍ଷାମୂଳକ୍ ଭାବେ ରହଣୀ

କରାଯିବା । ଆଏବାକାଏଲ୍ ସଖାଲୁ ସମ୍ବଲ୍‌ପୁର୍‌ନୁ ଟ୍ରେନ୍ ଛାଡ୍‌ଲା ଉତ୍‌ରୁ ୮ ବାଜିକରି ୧୪ ମିନିଟ୍‌ଥି ଦେଓଗାଁ ରୋଡ୍ ଷ୍ଟେସନ୍ ନ ପୁହୁଁଚିବା । ୨ ମିନିଟ୍ ଉତ୍‌ରୁ ଫେର୍ ରାୟଗଡ଼ା ଆଡ୍‌କେ ଯାତ୍ରା କର୍‌ବା । ସେନ୍ତା ରାୟଗଡ଼ା ଆଡୁ ଆସୁଥିବା ଟ୍ରେନ୍ ସନ୍ଧ୍ୟା ୪ ବାଜିକରି ୪୦ ମିନିଟ୍‌ଥି ଦେଓଗାଁ ରୋଡ୍ ଷ୍ଟେସନ୍ ନ ଅଟ୍‌କିବା ଆର୍ ୨ ମିନିଟ୍ ଉତ୍‌ରୁ ଫେର୍ ସମ୍ବଲ୍‌ପୁର୍ ଆଡ୍‌କେ ଯାତ୍ରା କର୍‌ବା । ଦେଓଗାଁ ରୋଡ୍ ଇଲାକାର୍ ଯାତ୍ରୀମାନ୍‌କର୍ ସୁବିଧାର୍ ଲାଗି ଇ ନିଷ୍ପତି ନିଆଯାଇଛେ ବଲି ପୂର୍ବତଟ ରେଲ୍‌ପଥ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଦେଶୀ ବିହନ୍ ପରବ୍ ବର୍‌ଗଡ୍ ସମ୍ବାଦଦାତା

ପାରମ୍ପାରିକ୍ ଚାଷ୍‌କେ ବଂଚେଇ ରଖିବାର୍ ଲାଗି ବର୍‌ଗଡ୍ ଜିଲ୍ଲାର୍ ପାଇକ୍‌ମାଲ୍ ବ୍ଲକ୍ ଜାମ୍‌ସେଠ୍ ପଂଚାୟତ୍‌ର ଖର୍ମାଲ୍ ଗାଁ ନ ଦେଶୀ ବିହନ୍ ପରବ୍ ପାଲନ୍ କରାଯାଇଛେ । ଇ ଗାଁର୍ ଚାଷୀମାନେ ଆଧୁନିକ୍ ଚାଷ୍ ପଦ୍ଧତି ବଦ୍‌ଲା ପାରମ୍ପରିକ୍ ଚାଷ୍‌କେ ଅଏତ୍‌କା ଗୁରୁତ୍ୱ ଦେସନ୍ । ଦେଶୀ ବିହନ୍ ନିଜର୍ ନିଜର୍ ଭିତ୍‌ରେ ଦିଆନିଆ କରିକରି ବିହନ୍ କ୍ଷେତ୍ରଥି ସ୍ୱାବଲମ୍ବୀ ହେବାର୍ ଲାଗି ଇ ଗାଁର୍ ଚାଷୀମାନେ ଶପଥ୍ ନେଇଛନ୍ । ଦେଶୀ ବିହନ୍ ପରବ୍ ପାଲନ୍ ଅବ୍‌ସରେ ଶଗଡ୍‌ଥି ମାଟିର୍ କଲସ୍ ଭିତ୍‌ରେ ଭିନ୍ ଭିନ୍

ଦେଶୀ ବିହନ୍ ଧରିକରି ପରିକ୍ରମା କରିଥିଲେ । ଏନ୍ତା କାର୍ଯ୍ୟକ୍ରମ୍ ଆୟୋଜନ୍‌ର ବହୁତ୍ ଗୁରୁତ୍ୱ ରହିଛେ ବଲି ସାଂସଦ୍ ପ୍ରଦୀପ୍ ପୁରୋହିତ୍ କହିଛନ୍,
(ଭଏସ୍ ଓଭର୍- ସାଂସଦ୍)

ସ୍ନାତକୋତର, ବିଏଡ୍/ଏମ୍‌ଏଡ୍/ବିଏଚ୍‌ଏଡ୍ ନାଁ ଲେଖା - I&PR

୨୦୨୫-୨୬ ଶିକ୍ଷା ବଛର୍ ଲାଗି ସ୍ନାତକୋତର ଆଉ ୨ ବର୍ଷିଆ ବି.ଏଡ୍/ଏମ୍.ଏଡ୍/ବି.ଏଚ୍.ଏଡ୍ ପାଠ୍ୟକ୍ରମ୍‌ଥି ନାଁ ଲେଖା ପ୍ରକ୍ରିୟା ଜୁଲାଇ ୧୦ ତାରିଖ୍ ଭିତ୍‌ରେ ମୁଲ୍ କର୍‌ବାର ଲାଗି ସରକାର ନିଷ୍ପତି ନେଇଛନ୍ । ସେନ୍ତା ଇ ଶିକ୍ଷା ବଛର୍ ଲାଗି ସ୍ନାତକ ଶ୍ରେଣୀ ପାଠ୍ୟକ୍ରମ୍‌ଥି ନାଁ ଲେଖା ପ୍ରକ୍ରିୟା ମୁଲ୍ କର୍‌ବାର ଲାଗି ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ ନିଷ୍ପତି ନିଆଯାଇଛେ । ଇଥି ନାଁ ଲେଖାବାର ଲାଗି ଆବେଦନକାରୀ ଆଏବା ୧୬ ତାରିଖ୍ ବୁଧବାର ନୁ common application form ଭରି କରି ଆବେଦନ୍ କରିପାର୍‌ବେ । ପାଠ୍ୟକ୍ରମ ଜାତୀୟ ଶିକ୍ଷାନୀତି-୨୦୨୦ ଆଧାର୍‌ଥି କରାଯିବା ।

ଯୁଗ୍ମ ଅଭିଯୋଗ୍ ଶୁଣାଣି ସମ୍ବଲ୍‌ପୁର୍ /ସୁବର୍ଣ୍ଣପୁର /ଦେବ୍‌ଗଡ୍

ସମ୍ବଲ୍‌ପୁର୍ ଜିଲ୍ଲା କୁଚିଣ୍ଡା ବ୍ଲକ୍ କାର୍ଯ୍ୟାଳୟ ଠାନେ ମିଲିତ ଜନଶୁଣାଣି ଶିବିର ହେଇଯାଇଛେ । ଇ ଅବ୍‌ସରେ ୨୦ ଟା ଅଭିଯୋଗ୍ ଆଗତ୍ ହେଇଥିଲା ଅଭିଯୋଗ୍‌ମାନ୍‌କର୍ ସମାଧାନ୍ ଲାଗି ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ ।

ସୁବର୍ଣ୍ଣପୁର୍ ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ସମ୍ମିଲନୀ କକ୍ଷ ନ ହେଇଥିବା ମିଲିତ୍ ଜନଶୁଣାଣିଥି ୫୪ ଟା ଅଭିଯୋଗ୍ ଆଗତ୍ ହେଇଥିଲା । ସେଥିର୍‌ଭିତ୍‌ରୁ ୨ ଦର୍‌ଖାସ୍ତ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିନୁ ଆର୍ଥିକ୍ ସାହାଜ୍ ଲାଗି ଗ୍ରହଣ୍ କରାଯାଇଛେ । ଅଭିଯୋଗ୍‌ମାନ୍‌କର୍ ତୁର୍‌ତି ସମାଧାନ୍ ଲାଗି ଜିଲ୍ଲାପାଲ୍ ଆର୍ ଏସ୍.ପି. ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ଦେବ୍‌ଗଡ୍ ଜିଲ୍ଲା ରିଆମାଲ୍ ବ୍ଲକ୍ କଲ୍ୟାଣ୍ ମଣ୍ଡପ୍ ଠାନେ ଜିଲ୍ଲାପାଲ୍‌ଙ୍କର୍ ଯୁଗ୍ମ ଅଭିଯୋଗ୍ ଶୁଣାଣି ଶିବିର୍ ହେଇଯାଇଛେ । ଶିବିର୍‌ଥି ଜିଲ୍ଲାପାଲ୍ ଯୋଗ୍ ଦେଇକରି ଆସିଥିବା ୨୦ ଟା ଅଭିଯୋଗ୍‌ର ଶୁଣାଣି କରିକରି ଜରୁରୀ ପଦକ୍ଷେପ୍ ନେବାର୍ ଲାଗି ସମ୍ପୃକ୍ତ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ମୌସୁମୀ- ସ୍ୱାଭାବିକ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦେଶେ ଇ ବଛର୍ ସ୍ୱାଭାବିକ୍ ନୁ ଅଏତ୍କା ବର୍ଷା ହେବା ବଲି ଭାରତୀୟ ପାଣିପାଗ ବିଭାଗ୍ ପୂର୍ବାନୁମାନ୍ କରିଛେ । ପାଣିପାଗ୍ ବିଭାଗ୍ ମହାନିର୍ଦ୍ଦେଶକ୍ ଡକ୍ଟର୍ ମୃତ୍ୟୁଞ୍ଜୟ ମହାପାତ୍ରଙ୍କର୍ ସୂଚ୍ନା ଅନ୍ସାରେ ଦକ୍ଷିଣ ପଶ୍ଚିମ ମୌସୁମୀ ବର୍ଷା ଇ ବଛର୍ ଜୁନ୍ ମାସୁ ସେପ୍ଟେମ୍ବର୍ ମାସ୍ତକ୍ ସକ୍ରିୟ ରହେବା । ଇତାର୍ବଲେ ଉତର୍ପୂର୍ବ, ଉତର୍ ପଶ୍ଚିମ ଆର୍ ଦକ୍ଷିଣ୍ ଉପଦ୍ୱୀପ ଇଲାକାର୍ କିଛି ଟା ଜାଗାକେ ଛାଡ଼ିଦେଲେ ଦେଶର୍ ବଡ଼ଭାଗୀ ଇଲାକା ନ ବର୍ଷା ସ୍ୱାଭାବିକ୍ ରହେବା । ଇ ବଛର୍ ମୌସୁମୀ ସମିଆଥି ଏଲ୍ନିନୋ ପ୍ରଭାବ୍ ଭିଲ୍ ସ୍ୱାଭାବିକ୍ ରହେବା ବଲି ଶ୍ରୀ ମହାପାତ୍ର ସୂଚ୍ନା ଦେଇଛନ୍ ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ରାଏଜେ ଇ ହପ୍ତାର୍ ଶେଷ୍ତକ୍ କାଲ୍ବୈଶାଖୀର୍ ପ୍ରଭାବ୍ ରହେବା ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ କୁହାଯାଇଛେ । ଆଏଜ୍ ଉପକୂଳ, ଦକ୍ଷିଣ ଆଉ ଭିତ୍ରିଆ ଜିଲ୍ଲାମାନ୍କର୍ କେତେଟା ଜାଗା ନ ଧୁକାଗର୍ଡ଼ି ଆଉ ବର୍ଷାର୍ ଅନୁମାନ୍ କରାଯାଇଛେ । ଆଏବା ୨ ଦିନ୍ ଉତର୍ ଆଉ ଦକ୍ଷିଣ ଓଡ଼ିଶାର୍ କେତେ ଜାଗା ନ ଜବର୍ ବର୍ଷାର୍ ସମ୍ଭାବନା ରହିଛେ ।

ଆଏବା କାଏଲ୍ ସଖାଲ୍‌ତକ୍ କଲାହାଣ୍ଡି, ବୌଦ୍ଧ, ସୁନ୍ଦରଗଡ଼୍, ଝାର୍‌ସୁଗୁଡ଼ା, ସମ୍ବଲ୍‌ପୁର୍ ଜିଲ୍ଲା ର୍ କେତେଟା ଜାଗା ନ ଧୁକାଗର୍ଡ଼ି ସାଙ୍ଗେ ୪୦ ନୁ ୫୦ କିଲୋମିଟର୍ ବେଗଥି ପବନ୍ ବୁହିବା ବଲି ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ କରାଯାଇଛେ ।